# Meeting of Prime Minister with Chancellor of the Federal Republic of Germany on the sidelines of G-7 Summit

June 27, 2022

## ଜି -୭ ଶିଖର ସମ୍ମିଳନୀ ଅବସରରେ ଜର୍ମାନୀ ରିପବ୍ଲିକର ଚାନସେଲରଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

ଜୁନ୍ 27, 2022

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ୍ ୨୭, ୨୦୨୨ ରେ ଜର୍ମାନୀର ସ୍ଲୋସ୍ ଏଲାମୁ ଠାରେ ଜି-୭ ଶିଖର ସମ୍ମିଳନୀ ଅବସରରେ ରିପବ୍ଲିକ୍ ଅଫ୍ ଜର୍ମାନୀର ଚାନସେଲର ମାନ୍ୟବର ଶ୍ରୀ ଓଲାଫ୍ ସ୍କୋଲଜ୍ଙ୍କୁ ଭେଟିଛନ୍ତି ।

2. ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଏହା ଦ୍ୱିତୀୟ ବୈଠକ ଥିଲା; ପୂର୍ବ ବୈଠକ ଭାରତ-ଜର୍ମାନୀ ଆନ୍ତଃ - ସରକାରୀ ପରାମର୍ଶ ପାଇଁ ୨ ମଇ ୨୦୨୨ ରେ ପ୍ରଧାନମନ୍ତ୍ରୀଙ୍କ ବର୍ଲିନ ଗସ୍ତ ସମୟରେ ହୋଇଥିଲା । ଜି-୭ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀ ଚାନସେଲର ସ୍କୋଲଜଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

3.
ଗତ ମାସର ସେମାନଙ୍କର ଆଲୋଚନା ଜାରି ରଖି ଦୁଇ ନେତା ସେମାନଙ୍କର ସବୁଜ ଏବଂ ସ୍ଥାୟୀ ବିକାଶ ସହ ଭାଗିତାକୁ ଆଗକୁ ନେବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଲୋଚନା କାଳରେ ଜଳବାୟୁ କାର୍ଯ୍ୟଯୋଜନା, ଜଳବାୟୁ ପାଇଁ ପୁଞ୍ଜି ଯୋଗାଣ ଏବଂ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଭଳି ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।  ବାଣିଜ୍ୟ, ପୁଞ୍ଜି ବିନିଯୋଗ ଏବଂ ଲୋକଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କକୁ ଆହୁରି ମଜବୁତ କରିବାର ଆବଶ୍ୟକତା ଉପରେ ଉଭୟ ନେତା ମଧ୍ୟ ସହମତ ହୋଇଥିଲେ ।

4. ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକରେ ବୃହତ ସମନ୍ୱୟ, ବିଶେଷକରି ଭାରତର ଆଗାମୀ ଜି - ୨୦ ସଭାପତିତ୍ୱ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ଦୁଇ ନେତା ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ବିକାଶ ଉପରେ ମଧ୍ୟ ମତ ବିନିମୟ କରିଥିଲେ ।

**ସ୍ଲ଼ୋସ୍ ଏଲମାଉ**

ଜୁନ୍ 27, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.